# ସ୍ୱୟଂ ସାହାଯ୍ୟକାରୀ ଦଳ

## ସ୍ୱୟଂ ସାହାଯ୍ୟକାରୀ ଦଳଗୁଡ଼ିକ ହେଉଛନ୍ତି ...

ପଶ୍ଚିମବଙ୍ଗର ଗ୍ରାମ ଅଞ୍ଚଳରେ ସ୍ୱୟଂ ସହାୟକ ଦଳ ମତ୍ସ ଚାଷରେ ମୁଖ୍ୟତଃ ସଫଳତା ପାଇଛି, ସେମାନେ ସର୍ବାଧିକ ସଞ୍ଚୟ କରିଛନ୍ତି ଯାହା ଫଳରେ କି ସେମାନେ ଅଧିକ ଋଣ ଗ୍ରହଣ କରିବା ପାଇଁ ଆବେଦନ କରିଛନ୍ତି ।

ଅଜିତ୍ ବାନାର୍ଜୀ, ବ୍ୟାଙ୍କର ବ୍ରାଞ୍ଚ୍ ମ୍ୟାନେଜର, ଲୁର୍ଧୂକା, ପୁରୁଲିଆ, ୱେଷ୍ଟ ବେଙ୍ଗଲ୍, ଭାରତ

''ସାମାଜିକ ଯୋଗାଯୋଗ ବୃଦ୍ଧି ସାଧନରେ ସାହାଯ୍ୟ କରେ । ଯାହା କାର୍ଯ୍ୟ ଆରମ୍ଭ କରିବାର ଏକ ପଥ । ଯାହା ଲୋକମାନଙ୍କର ଜୀବିକା ନିର୍ବାହନର ପାଇଁ ଉପଯୋଗୀ ।

''ବିଷୟଗୁଡିକ ଉପରେ ଏକମତ ଏବଂ ଏକବଦ୍ଧ କଥାବାର୍ତ୍ତା କରିବାରେ ଏହା ଲୋକମାନଙ୍କୁ ସାହାଯ୍ୟ କରେ । ନୀତି ତିଆରି କରିବାରେ ଏବଂ ଅଧିକ ଶକ୍ତିଶାଳୀ ଶକ୍ତି ସଙ୍ଗେ ସଂପର୍କ ସ୍ଥାପନ ପାଇ ଏକ ଦୃଢ଼ ସ୍ୱର ଦିଅନ୍ତି ।

ମୋର ଗ୍ରାମ ସହରଠାରୁ ୩୦ କି.ମି ଦୂରରେ । ପ୍ରଥମେ ସାହାଯ୍ୟ ପାଇଁ କେଉଁମାନଙ୍କୁ ପଚାରିବା ପାଇଁ ସୁଯୋଗ ମଧ୍ୟ ନଥିଲା । କିନ୍ତୁ ବର୍ତ୍ତମାନ ସ୍ୱୟଂ ସାହାଯ୍ୟକାରୀ ଦଳର ଉତ୍ପତ୍ତି ଲୋକମାନଙ୍କୁ ଶକ୍ତି ଏବଂ ବିଶ୍ୱାସ ଦିଏ ସାହାଯ୍ୟ ପାଇଁ କୁଦୁସ୍ ଅନ୍‌ସାରୀ ସ୍ୱୟଂ ସାହାଯ୍ୟକାରୀ ଦଳର ନେତା କାଇପାରା, ପଶ୍ଚିମବଙ୍ଗ, ଭାରତ

'' ... ସ୍ଥାନୀୟ କାର୍ଯ୍ୟଗୁଡିକ ବୃଦ୍ଧିକରଣର ପାଇଁ ଏକ ରାସ୍ତା''

'' ... ଲଘୁ ଋଣ ଏବଂ ଅନ୍ୟାନ୍ୟ ସଂପଦ ଏବଂ ସେବାକୁ ଏହା ସୁବିଧାରେ ଯୋଗାଇ ଦେଇ ଥାଏ'' ।

ସ୍ୱୟଂ ସାହାଯ୍ୟକାରୀ ଦଳ ସାମାଜିକ ପୁଞ୍ଜିଗଠନର ଏକ ପଥ । କାର୍ଯ୍ୟ ଗୁଡିକ ହେଉଛି -



ଏହା ସେବାପ୍ରଦାନକାରୀ ଏବଂ ଗ୍ରହଣକାରୀ ମଧ୍ୟରେ ଯୋଗାଯୋଗ ଏବଂ ସଂପର୍କ ଗଠନ କରେ ଯାହା ଦ୍ୱାରା ଏକସଙ୍ଗେ କାମକରିବା ପାଇଁ ସୁଯୋଗର ବୃଦ୍ଧି ହୁଏ, ଅଥବା ଏକରକମର ପସନ୍ଦ ଥିବା ଲୋକମାନଙ୍କ ମଧ୍ୟରେ ଯୋଗାଯୋଗ ସୂତ୍ର ଦୃଢ଼ କରେ । ଏକ ବଡ଼ସଂସ୍ଥା ସଙ୍ଗେ ଜଡିତ ହେବାର ସୁଯୋଗକୁ ବୃଦ୍ଧି କରେ ।



ଅଧିକ ସଂଗଠିତ ଦଳର ସଦସ୍ୟ ହେବାପାଇଁ ସାହାଯ୍ୟ କରେ ଯେଉଁଥିରେ ଅନ୍ତର୍ଭୁକ୍ତ ଥାଏ ସମସ୍ତଙ୍କ ଦ୍ୱାରା ସ୍ୱୀକୃତି ଏବଂ ଗୃହୀତ ହେବା ନିୟମ ଏବଂ କାର୍ଯ୍ୟକରିବାର ପଦ୍ଧତି ଏବଂ ଲୋକମାନେ ଯଦି ନିୟମାନୁଯାୟୀ ନ ଚାଲନ୍ତି ତାହେଲେ କ'ଣ କରାଯିବ ତାହା ସ୍ୱୀକୃତି ଥାଏ ।



ବିଶ୍ୱସ୍ତତାର ସଂପର୍କ ଗଠନ କରେ (ଯାହାକୁ - ଦେବା - ନେବା ସଂପର୍କ କୁହାଯାଏ), ତଥ୍ୟର ଆଦାନପ୍ରଦାନ କରେ, ଏକାସଙ୍ଗେ କାର୍ଯ୍ୟକରିବା ପାଇଁ ସାହାଯ୍ୟ କରେ, ସହଯୋଗୀ ଭାବେ କାର୍ଯ୍ୟ କରିବା ପାଇଁ କାମର ବୋଝ ସମସ୍ତଙ୍କ ଉପରେ କମ୍ ପଡ଼େ ଏବଂ ଲୋକମାନଙ୍କ ମଧ୍ୟରେ ସୁରକ୍ଷାର ମନୋଭାବ ତିଆରି କରେ । (ଜଣେ ଅନ୍ୟଜଣଙ୍କୁ ସହଯୋଗ କରନ୍ତି) । ଏହା ଲୋକମାନଙ୍କର ଏବଂ ଦଳର ମଧ୍ୟରେ ଜଣେ ଅନ୍ୟଜଣଙ୍କୁ ସାହାଯ୍ୟ କରିବାର ମନୋଭାବକୁ ତିଆରି କରେ ତା ଫଳରେ ସ୍ୱୟଂ ସାହାଯ୍ୟକାରୀ ଦଳର ଫେଡେରେସନ୍ ତିଆରି ହୁଏ ।


ସ୍ୱୟଂ ସାହାଯ୍ୟକାରୀଦଳର ସେବା ପ୍ରଦାନକାରୀମାନଙ୍କର ସହିତ ସଂଯୋଗ ବୃଦ୍ଧି ନିମନ୍ତେ ଉତ୍ତମ ଭୂମିକା ରହିଛି । ଯେପରିକି ପ୍ରସାରକାରୀ, ସରକାରୀ ଏବଂ ବେସରକାରୀ କର୍ମୀ ଗ୍ରାମ୍ୟ ବ୍ୟାଙ୍କ୍ ସ୍ତର, ବସ୍ତୁଗୁଡିକର ଉପଭୋକ୍ତା ଏବଂ ବିକ୍ରୟର ସ୍ୱତ୍ର ।

ସ୍ୱୟଂ ସହାୟକ ଦଳ, ମାଛଚାଷ ଏବଂ ସହଜ ଲଘୁ ଋଣ ଏକ ସଂଗେ ହେବାପରେ ଭାରତର ଜବାରାହ ଗ୍ରାମରେ ଗ୍ରାମବାସୀମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା ବଢ଼ିଛି ଏବଂ ଋଣ ଗ୍ରସ୍ତତା କମିଛି ନ୍ୟାଚୁରାଲ୍ ରିସୋର୍ସେସ୍ ସିଷ୍ଟମସ୍, ପ୍ରୋଗ୍ରାମ ଏନୁଆଲ୍ ରିପୋର୍ଟ ୨୦୦୩-୦୪

ଲଳିତା ମହାତ, ଜଣେ ବୟସ୍କ ମହିଳା କହିଲେ '' ଏମିତି ଏକ ସମୟ ଥିଲା ଯେତେବେଳେ ଆମ୍ଭେମାନେ ଗ୍ରାମର ପୁରୁଷମାନଙ୍କ ସହ କଥାବାର୍ତ୍ତା କରିବାକୁ ଡରୁଥିଲୁ ଏବଂ ଅଜଣା ଲୋକମାନେ ତ ଦୂରର କଥା, କିନ୍ତୁ ଆଜି ଆମେ ବ୍ୟାଙ୍କ୍ ଯାଇ ଋଣ ବିଷୟରେ ପଚାରି ବୁଝୁ ପଞ୍ଚାୟତର ମୁଖିଆଙ୍କୁ ଆମର ଅଭିଯୋଗ ଜଣାଉଛୁ ଏବଂ ସାହାସିକତାର ସହ ସମସ୍ୟାର ସାମ୍ନା କରୁଛୁ । ଆମ୍ଭେମାନେ ଅନ୍ୟମାନଙ୍କ ଦ୍ୱାରା ଶୁଣାଯାଉଛୁ ଏବଂ ସମ୍ମାନ ପାଉଛୁ ବୋଲି ଖୁସି ଅଟୁ ।

୧. ସାମାଜିକ ପୁଞ୍ଜିଗଠନର ଏକ ରାସ୍ତା ଯାହାକି ଲୋକମାନେ ବ୍ୟବହାର କରୁଛନ୍ତି ସେମାନଙ୍କର ଦରିଦ୍ରତା କମାଇବା ପାଇଁ ଏବଂ ଜୀବିକା ନିର୍ବାହନ ପାଇଁ ।

# କିପରି ଏକ ସ୍ୱୟଂ ସାହାଯ୍ୟକାରୀ ଦଳକୁ ସ୍ଥାପନ କରାଯାଇପାରେ





**ଆରମ୍ଭ ହେଲା ..**

**୧. ଦେଖନ୍ତୁ ଯଦି ଏହା ପୂର୍ବରୁ ଦଳ ଅଛି କି ନାହିଁ ଯଦି ଏଥିପୂର୍ବେ**

ଏକଦଳ ଅଛି ତାହେଲେ ସେହି ଦଳ ଭ୍ରମଣ କରାଯିବ କି ନାହିଁ ତାହା ପଚାର । ଯଦି ତୁମେ ଯାହା ଖୋଜୁଥିଲ, ଯଦି ତାର ସେହି ଦଳରେ ପାଇଯାଅ ତାହେଲେ ତୁମକୁ ନିଜର ଦଳ ଗଠନ କରିବାକୁ ହେବ ନାହିଁ । ଏବଂ ଯଦି ନ ପାଅ ତାହା ହେଲେ ସେଠାରୁ କିଛି ଦେଖି ଶିଖିନିଅ ।

**୨. ଅନ୍ୟମାନଙ୍କ ସହ କାର୍ଯ୍ୟ କର ଏବଂ ସାହାଯ୍ୟ ଲୋଡ ।**

ଏକ ଦଳ ଭାବେ କାର୍ଯ୍ୟ ଆରମ୍ଭ କର ଯେଉଁଠାରେ କି ପ୍ରତ୍ୟେକ ସଦସ୍ୟଙ୍କର ନିଜସ୍ୱ କିଛି ଅଛି । ଜଣଙ୍କ ସଂସ୍ପର୍ଶରେ ଆସିବାକୁ ଚେଷ୍ଟାକର ଯେ କି ଏକ ଦଳ ଗଢ଼ି ଥିଲେ । କେହି ଦଳରେ ଯୋଗ ଦେଇଛି ତେବେ ତାକୁ ବୁଝାଇଦିଅ ଯେ ସମସ୍ତ ସଦସ୍ୟଙ୍କ ଠାରୁ ଚାନ୍ଦା ନିଆଯିବ । ପେଶାଦାର୍ ଲୋକମାନଙ୍କ ଠାରୁ ସାହାଯ୍ୟ ଲୋଡ଼ ଯେଉଁମାନେ ତୁମର ଚାହିଦା ବୁଝିବେ ଏବଂ ତୁମର କାମରେ ସାହାଯ୍ୟ କରିବା ପାଇଁ ଇଚ୍ଛୁକ ହେବେ ବିଭିନ୍ନ ପ୍ରକଳ୍ପ, ବ୍ୟାଙ୍କ, ବେସରକାରୀ ସଂସ୍ଥା, ପ୍ରସାର କର୍ମୀମାନେ ବିଭିନ୍ନ ଭାବେ ସାହାଯ୍ୟ କରନ୍ତି । ଯେପରି ସଭାପାଇଁ ସ୍ଥାନ ଦେବାଠାରୁ ଆରମ୍ଭ କରି ପ୍ରୟୋଜନୀୟ ସଂପଦର ଅବସ୍ଥାନ ନିର୍ଦ୍ଦେଶ କରିଦିଏ ।

**୩. ଛୋଟରୁ ଆରମ୍ଭ କର**

ସମସ୍ୟାଗୁଡିକ ଦୂର କରିବା ପାଇଁ ଛୋଟଭାବେ କାମ ଆରମ୍ଭ କର । ଭୁଲ୍ ହୁଏ ଏବଂ ଲୋକମାନଙ୍କ ନିକଟକୁ ଯିବାପୂର୍ବରୁ ସବୁ କିଛି ଠିକ୍ ହୋଇଯାଏ ଛୋଟ ଦଳମଧ୍ୟରେ ତର୍କ ବିତର୍କ ଫଳରେ ବିଭାଜନ ବା ସଂଖ୍ୟା ଲଘୁ ଦ୍ୱାରା ଶାସନ କମ୍ ଦେଖାଯାଏ । ଏକ ରକମର ଶିକ୍ଷା ସଂସ୍କୃତି ଓ ଏକରକମର ବିଷୟ ଉପରେ କାମ କରିବା ପାଇଁ ଇଚ୍ଛୁକ ସଦସ୍ୟମାନେ ଜଣେ ଅନ୍ୟଜଣଙ୍କୁ ବେଶୀ ବିଶ୍ୱାସ କରେ । ଏବଂ ଜଣେ ଅନ୍ୟଜଣେ ସଙ୍ଗେ ମିଳିମିଶି କାର୍ଯ୍ୟ କରିବାର ଦାୟୀତ୍ୱକୁ ଗ୍ରହଣ କରିନିଏ ।

**୪. ଦଳର ଏକ ନାମ ଠିକ୍ କର ।**

ଦଳର ନାମ ସେହି ସମସ୍ତ ଲୋକମାନଙ୍କୁ ଏକ ଦଳଭୁକ୍ତ ଅନୁଭବ କରିବାରେ ସାହାଯ୍ୟ କରେ । ଯେଉଁମାନେ କି ନିର୍ଦ୍ଦିଷ୍ଟ ଲକ୍ଷ ପାଇଁ କାର୍ଯ୍ୟ କରୁଛନ୍ତି । ଏହା ଲୋକମାନଙ୍କୁ ଏକତ୍ର ବାନ୍ଧି ରଖିବାରେ ସାହାଯ୍ୟ କରେ ।

**୫. ଏକ ସ୍ୱୀକୃତ ବିଧି ସମଷ୍ଟି ତିଆରି କର ।**

ବିଧି ସମଷ୍ଟି ହେଉଛି ଦଳର ଉଦ୍ଦେଶ୍ୟ ଓ ନିୟମର ଏକ ଲିଖିତ ସୂଚୀ, ସଦସ୍ୟମାନେ ଦଳଠାରୁ କ'ଣ ଆଶା କରୁଛନ୍ତି ଏବଂ ସଦସ୍ୟମାନଙ୍କ ଠାରୁ ଏକ ଦଳ କ'ଣ ଆଶାକରେ ତାହା ମଧ୍ୟ ଏଥିରେ ଲିଖିତ ରହେ । ଏହା ବିବାଦ ଏଡାଇଦିଏ, ଏବଂ ପ୍ରତ୍ୟେକଙ୍କୁ ନିଜ ଦାୟିତ୍ୱ ବିଷୟରେ ସଚେତନ କରାଇଦିଏ ।

**୬. ସଭାର ସମୟ ଏବଂ ସ୍ଥାନ ସ୍ଥିର କରନ୍ତୁ ।**

ଦଳଗତଭାବରେ ପୁରୁଷ ଓ ମହିଳାମାନଙ୍କର ଯୋଗଦାନକୁ ଉତ୍ସାହିତ କରିବା (ଅଲଗା ବା ଏକତ୍ର ଭାବରେ) । ପୁରୁଷ ଓ ମହିଳାମାନଙ୍କ ଯୋଗଦାନ ପାଇଁ ଏକ ଉତ୍ତମ ସ୍ଥାନ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିବା ଏବଂ ମହିଳା ଓ ପୁରୁଷମାନଙ୍କ ମଧ୍ୟରେ ନେତୃତ୍ୱ କ୍ଷମତାର ଉତ୍ସାହ ସୃଷ୍ଟି କରିବା । ଯଦି ତୁମେ ଏକ ଛୋଟଦଳର ଆଶାକରୁଛ ତେବେ ସଦସ୍ୟମାନଙ୍କର ଗୃହରେ ପ୍ରାଥମିକ ସଭା ସ୍ଥିର କରନ୍ତୁ । ଏବଂ ଏହା ମଧ୍ୟ ଚେଷ୍ଟା କରନ୍ତୁ ଏବଂ ଏକ ଉପଯୁକ୍ତ ସମୟ ସ୍ଥିର କରନ୍ତୁ ସଭା ପାଇଁ ଯେଉଁଥିରେ ଲୋକମାନେ ଏହା ମନେ ରଖିପାରିବେ । ଉ.ସ୍ୱ - ମାସର ପ୍ରଥମ ମଙ୍ଗଳବାର ।











## କିଚି ପରାମର୍ଶ

**ଉତ୍ସାହିତ କର :**

- ଦଳ ସଭାଗୁଡିକରେ ନିୟମିତ ଉପସ୍ଥିତି ପାଇଁ ଉତ୍ସାହିତ କର ।
- କାମ ପଦ୍ଧତିରେ ସ୍ୱଚ୍ଛତା ରଖ । ତଥ୍ୟ (ଯେପରିକି ମିଟିଙ୍ଗର ଆଲୋଚନା ଲେଖିବାପାଇଁ ଖାତା, ଉପସ୍ଥିତି ଖାତା ଏବଂ ହିସାବ ଖାତା) ସାହାଯ୍ୟ କରେ ଦଳର ଲୋକମାନଙ୍କୁ ସଭାରେ କି ସିଦ୍ଧାନ୍ତ ନିଆଗଲା ତାହା ମନେରଖିବା ପାଇଁ । ସେମାନେ ପର୍ଯ୍ୟବେକ୍ଷଣ ଏବଂ ମୂଲ୍ୟାୟନରେ ମହତ୍ୱପୂର୍ଣ୍ଣ ଅଟନ୍ତି ।

**ଏକ ଦଳ ସଭାର ପଞ୍ଜୀକରଣର ଉଦାହାରଣ**

| ତାରିଖ | | ଆଲୋଚିତ | ନିଷ୍ପତ୍ତି |
|---|---|---|---|
| ୪/୬ | କାର୍ଯ୍ୟଶାଳା | ହଁ | ୩ଜଣ ସଦସ୍ୟ ଯିବେ |
| | ଦାନାର କ୍ରୟ | ହଁ | ୨ ଜଣ ୩ଟି ବ୍ୟାଗ୍ କିଣିବେ |
| | ସଭାର ସଭ୍ୟଙ୍କର ଡେରିରେ ପହଞ୍ଚିବାର ମୂଲ୍ୟ | ହଁ | କେହି ଜଣେ ନୁହେଁ |
| ୧୧/୬ | କାର୍ଯ୍ୟାଶାଳାର ତଥ୍ୟ | ହଁ | ଯଥୋପଯୁକ୍ତ ସନ୍ଧିଧାନ |
| | କୁକୁଡ଼ାର ବିକ୍ରୟ ତଥ୍ୟ | ହଁ | ସବୁ ସଦସ୍ୟ ବିଦ୍ୟାଳୟରେ ବିଜ୍ଞାପନ ଦେବେ। |
| ୧୮/୬ | | | |

- ଅଳ୍ପ ସଞ୍ଚୟ ଦ୍ୱାରା ଏକ ଶକ୍ତିଶାଳୀ ମୂଳଧନ ତିଆରି କର । ସଦସ୍ୟମାନଙ୍କୁ ସଞ୍ଚୟର ଆଧାର ଉପରେ ଲୋନ୍ ଦିଆଯିବ ଏବଂ ଦଳ ତାର ନିଜସ୍ୱ ସୁଧର ହାର, ଋଣ ପରିଶୋଧର କିସ୍ତି ଓ ଋଣ ପରିଶୋଧର ନିୟମ ଠିକ୍ କରିବେ ଏବଂ ଏଇ ସବୁ ବ୍ୟାଙ୍କ୍ ଠାରୁ ଋଣପାଇବା ପାଇଁ ସହାୟତା କରେ ।
- ନିକଟତମ ବ୍ୟବସାୟୀ ଅଥବା ଗ୍ରାମୀଣ ଅଥବା ଏକ ସମବାୟ ବ୍ୟାଙ୍କ୍‌ରେ ଜମାଖାତା ଖୋଲିବା, ବ୍ୟାଙ୍କ୍ ଓ ସ୍ୱୟଂ ସାହାଯ୍ୟକାରୀ ଦଳର ସଂପର୍କ ମଧରେ କାର୍ଯ୍ୟ କରିବେ ।
- ଆୟର ଉତ୍ପାଦନକାରୀ କାର୍ଯ୍ୟ ଯାହା ଋଣ ପରିଶୋଧର ସଂପତ୍ତି ଉତ୍ପାଦନ କରିବେ ତାହା ଲୋକମାନଙ୍କର ଆତ୍ମବିଶ୍ୱାସ ଗଠନ କରିବାରେ ସାହାଯ୍ୟ କରେ ।
- ନେତୃତ୍ୱ ବଦଳରେ ଚୁକ୍ତି, କମ୍ ସମୟ ମଧରେ ନେତୃତ୍ୱର ବଦଳରେ ଅନିଶ୍ଚୟତାର ସୃଷ୍ଟି କରେ ଏବଂ ଦୀର୍ଘସମୟ ପାଇଁ ପରିକଳ୍ପନାର କାର୍ଯ୍ୟରେ ବାଧା ସୃଷ୍ଟି କରେ । ଅନ୍ୟ ପକ୍ଷରେ କମ୍ ସମୟ ମଧରେ ନେତୃତ୍ୱ ପରିବର୍ତ୍ତନର ସୁଯୋଗ ଦଳର ସମସ୍ତ ସଦସ୍ୟଙ୍କୁ ସାଂଗଠନିକ ଓ ନେତୃତ୍ୱଗୁଣର ବିକାଶର ସୁଯୋଗ ଦିଏ ।

**ଏଡ଼ାଇ ଯିବା -**

- ଦଳର ସଦସ୍ୟମାନଙ୍କ ମଧରେ ଜାତି, ଧର୍ମ ବା ରାଜନୈତିକ ବିଷୟ ନେଇ ଭେଦାଭେଦ ସୃଷ୍ଟି କରିବା ଉଚିତ୍ ନୁହେଁ ।

# ଏକ ସମିତି ଗଠନ




## ଆବଶ୍ୟକୀୟ ସଂଯୋଗ

**ଅନ୍ୟାନ୍ୟ ଉତ୍ତମ ଅଭ୍ୟାସଗତ ପଥପ୍ରଦର୍ଶିକା**

**ଏଠାରେ ଅନେକଗୁଡିଏ**

ଉତ୍ତମ - ଅଭ୍ୟାସଗତ ପଥପ୍ରଦର୍ଶିକା ରେଖା ଦିଆଯାଇଛି ସେଗୁଡିକ ଏଥିରେ ଅନ୍ତର୍ଭୁକ୍ତ ।

- ତଥ୍ୟପାଇବା ସୁବିଧାର ପର୍ଯ୍ୟବେକ୍ଷଣ
- ଏକମତ - ଗଠନ ପ୍ରକ୍ରିୟା

ଆପଣ ଏହାର ଏକାଧିକ କପି ଏବଂ ଅନ୍ୟ ଉତ୍ତମ ଅଭ୍ୟାସଗତ ପଥପ୍ରଦର୍ଶିକା ଷ୍ଟ୍ରିମ୍ କଣ୍ଟ୍ରି ଅଫିସ୍, ଷ୍ଟ୍ରିମ୍‌ର ଆଞ୍ଚଳିକ ଅଫିସ୍ ଏବଂ ଷ୍ଟ୍ରିମ୍ ୱେବ୍‌ସାଇଟ୍ ରୁ ମଧ୍ୟ ପାଇପାରନ୍ତି ।

ଆମ୍ଭେମାନେ ଆପଣମାନଙ୍କୁ ଉତ୍ତମ-ଅଭ୍ୟାସଗତ ପଥପ୍ରଦର୍ଶିକା ତଥ୍ୟ ଦେବା ପାଇଁ ଇଛାପ୍ରକାଶ କରିବୁ । ଆପଣ ଆମ୍ଭମାନଙ୍କୁ ଫୋନ୍, ଇମେଲ୍, ଓ ଷ୍ଟ୍ରିମ୍ କମ୍ୟୁନିକେସନ୍ ହବ୍ ମ୍ୟାନେଜରଙ୍କ ପାଖକୁ ଲେଖିବା ଦ୍ୱାରା ପାଇପାରିବେ ।

**ଷ୍ଟ୍ରିମ୍ କଣ୍ଟ୍ରି ଅଫିସ୍**
ଡ୍ୟୁପ୍ଲେକ୍ସ - ୨
ଟି.ଏସ୍. ହୋମସ୍
ଟଙ୍କପାଣି ରୋଡ୍, ଭୁବନେଶ୍ୱର - ୧୮
ଫୋନ୍ - ୦୬୭୪ - ୨୩୮୧୮୫୧
ଫ୍ୟାକ୍ସ - ୦୬୭୪ - ୨୩୮୧୮୫୧
ଇ-ମେଲ୍ - rubumukherjee@rediffmail.com

**ଷ୍ଟ୍ରିମ୍ ଆଞ୍ଚଳିକ ଅଫିସ୍ -**
ନାକା
ମସ୍ତବିଭାଗ ପରିଷଦ
କାସେଟ୍ ସାର୍ଟ ୟୁନିଭର୍ସିଟ କ୍ୟାମ୍ପସ
କ୍ୟାମ୍ପସ୍, ଫାହୋଲିୟୋଥିନ୍ ରୋଡ୍
ବାନ୍‌ଙ୍ଗଖେନ୍, ବ୍ୟାଙ୍ଗ୍‌କକ୍
୧୦୯୦୩
ଥାଇଲାଣ୍ଡ
ଫୋନ୍ - ୬୬୫୬୧୧୭୨୮/୨୯
ଫ୍ୟାକ୍ସ - ୬୬୨୫୬୧୧୭୨୭
ଇ-ମେଲ୍ - stream@enaca.org

**ଷ୍ଟ୍ରିମ୍ ୱେବ୍‌ସାଇଟ୍**
www.streaminitiative.org.